Teachingninja.in

Latest Govt Job updates

Private Job updates

Free Mock tests available

Visit - teachingninja.in

# OSSSC

## Previous Year Paper

### RI/ ARI/ Amin Paper-II

### 2015

Teachingninja.in

**DO NOT OPEN THE SEAL OF THE QUESTION BOOKLET UNTIL YOU ARE TOLD TO DO SO**

**Question Book Serial No. MAT0001417** **DRS-2015** **Question Booklet Series Code: A**

**Time Allowed: 01.30 hours** **Full Mark: 100**

ନିର୍ଦ୍ଧାରିତ ସମୟ : ଘ୦୧.୩୦ମିନିଟ୍ ମୋଟ୍ ମାର୍କ : ୧୦୦

Read the following instructions carefully before you begin to answer the questions. This Booklet contains 100 questions with multiple choice answers both in English and Odia language. In case of discrepancy in meaning, the English version will prevail.

ପ୍ରଶ୍ନ ଗୁଡିକର ଉତ୍ତର କରିବା ପୂର୍ବରୁ ନିମ୍ନ ପ୍ରଦତ୍ତ ନିର୍ଦ୍ଦେଶାବଳୀ ଯତ୍ନ ସହକାରେ ପଢନ୍ତୁ । ଏହି ପୁସ୍ତିକାରେ ୧୦୦ଟି ବିବିଧ ଉତ୍ତର ଯୁକ୍ତ ପ୍ରଶ୍ନ ଉଭୟ ଇଂରାଜୀ ଓ ଓଡିଆ ଭାଷାରେ ଦିଆଯାଇଅଛି । ଅର୍ଥବୋଧରେ କିଛି ତାରତମ୍ୟ ଥିଲେ ଇଂରାଜୀ ଭାଷାର ଅର୍ଥ ବଳବତ୍ତର ରହିବ ।

## INSTRUCTIONS FOR CANDIDATES

1. This Booklet contains in all 100 questions with multiple choice answers.
2. All questions are compulsory and carry equal mark.
3. Before answering any question, checkup this Booklet and ensure that it contains **20** pages and no page is missing, mutilated or repeated. In case of any defect replace it immediately.
4. The Invigilator shall supply you the bank OMR Answer Sheet separately. Enter your Roll Number, Question Booklet Serial Number and Question Booklet Series Code and darken the corresponding circle/oval provided on left side of the Answer Sheet carefully by black/blue ball point pen only. You must write the name, date and center of examination and put your full signature in the appropriate spaces provided therein before answering any question.
5. A machine will read the coded information furnished by you in the OMR Answer Sheet. If the information so furnished by you are incomplete or different from what have been given in the application form, you will be awarded Zero mark.
6. These instructions must be complied with fully failing which your Answer Sheet will not be evaluated and Zero mark will be awarded.
7. Answer must be given by completely blackening one of the four circles/ovals representing the correct answer given on right side of the Answer Sheet corresponding to the relevant question number by using Black/Blue ball point pen only. Answers not shown by black/blue ball point pen shall not be awarded any mark.
8. Failure to hand over the Answer Sheet to the Invigilator before leaving the examination hall/room will make you liable to penal action.
9. Read carefully the instructions of answering each question before answering it.
10. Answer the questions as quickly and carefully as you can. Some questions may be easy and others difficult. Don't spend too much time on any question.
11. No Rough work has to be done on the OMR Answer Sheet. Space for rough work has been provided below the questions wherever needed.
12. You must not carry into the examination hall/ room any book, mobile phones or electronic devices printed/handwritten papers except the Admission Letter.

Failure to comply with any of the above instructions will be considered as using unfair means and action as deemed proper will be taken against the violators.

## ପ୍ରାର୍ଥୀ/ପ୍ରାର୍ଥିନୀ ମାନଙ୍କପାଇଁ ନିର୍ଦ୍ଦେଶାବଳୀ

୧. ଏହି ପୁସ୍ତିକାରେ ନିମ୍ନମତେ ମୋଟ ୧୦୦ଟି ବିବିଧ ଉତ୍ତର ଯୁକ୍ତ ପ୍ରଶ୍ନ ଅଛି ।

୨. ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ ଏବଂ ପ୍ରତ୍ୟେକର ମାର୍କ ସମାନ ।

୩. କୌଣସି ପ୍ରଶ୍ନର ଉତ୍ତରଦେବା ଆଗରୁ ପୁସ୍ତିକାଟି ତନଖି ଦେଖନ୍ତୁକି ଏଥିରେ ୨୦ଟି ପୃଷ୍ଠା ଅଛି ଓ କୌଣସି ପୃଷ୍ଠା ଛାଡି, ନଷ୍ଟ କିମ୍ବା ପୁନରାବୃତ୍ତି ହୋଇନାହିଁ । କୌଣସି ତ୍ରୁଟିଥିଲେ ତାକୁ ଶୀଘ୍ର ବଦଳ କରାଇ ନିଅନ୍ତୁ ।

୪. ପରୀକ୍ଷକ ଆପଣଙ୍କୁ ସ୍ୱତନ୍ତ୍ରଭାବେ ଓଏମାର ଉତ୍ତରଫର୍ଦ୍ଦ ଦେବେ । ଉତ୍ତରଫର୍ଦ୍ଦର ବାମ ପାର୍ଶ୍ୱରେ ଯଥା ସ୍ଥାନରେ ଆପଣଙ୍କ ରୋଲନମ୍ବର, ପ୍ରଶ୍ନପୁସ୍ତିକା କ୍ରମିକ ନମ୍ବର ଏବଂ ପ୍ରଶ୍ନପୁସ୍ତିକା ସିରିଜ କୋର୍ଡ ଉଲ୍ଲେଖ କରନ୍ତୁ ଏବଂ ଅନୁରୂପ ବୃତ୍ତ/ଅଣ୍ଡାକୃତିକୁ କେବଳ କଳା/ନୀଳ କାଳିର ବଲପଏଣ୍ଟ ପେନ୍ ଦ୍ୱାରା କାଳି କରନ୍ତୁ । ଏଠାରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ସ୍ଥାନରେ ପରୀକ୍ଷାର ନାମ, ତାରିଖ ଓ କେନ୍ଦ୍ର ନିଶ୍ଚିତ ଭାବେ ଲେଖନ୍ତୁ ଏବଂ କୌଣସି ପ୍ରଶ୍ନର ଉତ୍ତରଦେବା ଆଗରୁ ଆପଣଙ୍କ ପୁରା ଦସ୍ତଖତ ଦିଅନ୍ତୁ ।

୫. ଓଏମାର ଉତ୍ତରଫର୍ଦ୍ଦରେ ଆପଣ ଉଲ୍ଲେଖ କରିଥିବା ସାଙ୍କେତିକ ତଥ୍ୟକୁ ଗୋଟିଏ ଯନ୍ତ୍ର ପଠନ କରିବ । ତେଣୁ ଆପଣଙ୍କ ଏହି ପ୍ରଦତ୍ତ ତଥ୍ୟ ଯଦି ଦରଖାସ୍ତ ଫର୍ମରେ ଦିଆଯାଇଥିବା ତଥ୍ୟଠାରୁ ଫରକ କିମ୍ବା ଅସମ୍ପୂର୍ଣ୍ଣ ହୁଏ, ଆପଣଙ୍କୁ ଶୂନ୍ୟ ମାର୍କ ପ୍ରଦାନ କରାଯିବ ।

୬. ଏହି ନିର୍ଦ୍ଦେଶାବଳୀକୁ ସଂପୂର୍ଣ୍ଣଭାବେ ନିଶ୍ଚିତ ପାଳନ କରନ୍ତୁ , ଅନ୍ୟଥା ଆପଣଙ୍କ ଉତ୍ତରପତ୍ର ମୂଲ୍ୟାୟନ କରାଯାଇ ପାରିବ ନାହିଁ ଏବଂ ଶୂନ୍ୟ ମାର୍କ ପ୍ରଦାନ କରାଯିବ ।

୭. ଉତ୍ତରଫର୍ଦ୍ଦର ଡାହାଣ ପାର୍ଶ୍ୱରେ ଥିବା ସମ୍ପୃକ୍ତ ପ୍ରଶ୍ନ ସଂଖ୍ୟାର ଅନୁରୂପ ବୃତ୍ତ/ଅଣ୍ଡାକୃତିକୁ କେବଳ କଳା/ନୀଳ କାଳିର ବଲପଏଣ୍ଟ ପେନ୍ ଦ୍ୱାରା ନିଶ୍ଚିତ ସଂପୂର୍ଣ୍ଣଭାବେ କାଳି କରି ଉତ୍ତର ଦିଅନ୍ତୁ । କଳା/ନୀଳ ବଲ ପଏଣ୍ଟ ପେନ୍ ଦ୍ୱାରା ଦର୍ଶାଯାଇ ନ ଥିବା ଉତ୍ତର ପାଇଁ କୌଣସି ମାର୍କ ଦିଆଯିବ ନାହିଁ ।

୮. ପରୀକ୍ଷା ହଲ/କୋଠରୀ ଛାଡିବା ପୂର୍ବରୁ ଆପଣ ଉତ୍ତରପତ୍ର ପରୀକ୍ଷକଙ୍କୁ ହସ୍ତାନ୍ତର ନ କରିପାରିଲେ ଆପଣ ଆଇନାନୁଯାୟୀ ଦଣ୍ଡନୀୟ ହେବେ ।

୯. ଉତ୍ତର ଦେବାପୂର୍ବରୁ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରଦାନ ନିର୍ଦ୍ଦେଶାବଳୀ ଯତ୍ନ ସହକାରେ ପଢନ୍ତୁ ।

୧୦. ଯେତେ ଶୀଘ୍ର ଓ ଯତ୍ନ ସହକାରେ ପାରିବେ ପ୍ରଶ୍ନଗୁଡିକର ଉତ୍ତର ଦିଅନ୍ତୁ । କେତେକ ପ୍ରଶ୍ନ ସହଜ ଓ ଅନ୍ୟ କେତେକ କଠିନ ହୋଇପାରେ । କୌଣସି ପ୍ରଶ୍ନରେ ଅତ୍ୟଧିକ ସମୟ ନଷ୍ଟକରନ୍ତୁ ନାହିଁ ।

୧୧. ଓଏମାର ଉତ୍ତରଫର୍ଦ୍ଦରେ ରଫ୍ କାମ କରିବେ ନାହିଁ । ଯେଉଁଠି ଦରକାର ପ୍ରଶ୍ନଗୁଡିକର ତଳେ ରଫ୍ କାମପାଇଁ ଖାଲି ଜାଗା ଦିଆଯାଇଅଛି ।

୧୨. ପ୍ରବେଶ ପତ୍ର ବ୍ୟତୀତ କୌଣସି ବହି, ଛାପା/ହାତଲେଖା କାଗଜ, ମୋବାଇଲ ଫୋନ୍ କିମ୍ବା ବୈଦ୍ୟୁତିକ ଉପକରଣ ଆପଣ ପରୀକ୍ଷା ହଲ/କୋଠରୀ ଭିତରକୁ ନେଇ ପାରିବେ ନାହିଁ ।

ଉପରୋକ୍ତ ନିର୍ଦ୍ଦେଶାବଳୀରୁ କୌଣସିଟି ଅନୁପାଳନରେ ଖିଲାପ କଲେ ଏହାକୁ ଅସତ୍ ଉପାୟ ଅବଲମ୍ବନ ବୋଲି ବିବେଚନା କରାଯିବ ଏବଂ ଉଲଘଂନକାରୀଙ୍କ ବିରୁଦ୍ଧରେ ଯଥୋଚିତ କାର୍ଯ୍ୟ ଅନୁଷ୍ଠାନ କରାଯିବ ।

**DO NOT OPEN THE SEAL OF THE QUESTION BOOKLET UNTIL YOU ARE TOLD TO DO SO**

Teachingninja.in

INTENTIONALLY LEFT BLANK

Teachingninja.in

Teachingninja.in

## ARITHMETIC

1. By what greatest number will 2249, 8227 and 756 be divided to leave reminders of 8, 10 & 9 respectively?
(A) 77 (B) 747 (C) 889 (D) 898

କେଉଁ ବୃହତ୍ତମ ସଂଖ୍ୟା ଦ୍ୱାରା 2249, 8227 ଓ 756 କୁ ଭାଗକଲେ ଭାଗଶେଷ ଯଥାକ୍ରମେ 8, 10 ଓ 9 ରହିବ ?
(A) 77 (B) 747 (C) 889 (D) 898

2. When all the students of school are made to stand in lines to form a square, less than 10 students are left surplus. If the students of the school are 1230, how many students will stand on each line?
(A) 32 ଜଣ (B) 34 ଜଣ (C) 35 ଜଣ (D) 36 ଜଣ

ଏକ ବିଦ୍ୟାଳୟର ଛାତ୍ରମାନଙ୍କୁ ବର୍ଗାକାର କ୍ଷେତ୍ରରେ ଧାଡି ଧାଡି କରି ଠିଆ କରାଇବାରୁ 10 ରୁ କମ ଛାତ୍ର ବଳିପଡିଲେ । ସ୍କୁଲ ଛାତ୍ରସଂଖ୍ୟା 1230 ଜଣ ହେଲେ ପ୍ରତିଧାଡିରେ କେତେ ଜଣ ଛାତ୍ର ଛିଡା ହେଲେ?
(A) 32 ଜଣ (B) 34 ଜଣ (C) 35 ଜଣ (D) 36 ଜଣ

3. The depth of a water tank of cube size of equal sides is 200 c.m. If 1000 ltr of water is drawn-out of the tank daily, in how many days all the water of the tank be finished?
(A) 4 ଦିନ (B) 6 ଦିନ (C) 7 ଦିନ (D) 8 ଦିନ

ଗୋଟିଏ ସମଘନାକାର ପାଣି ଟାଙ୍କିର ଗଭୀରତା 200 ସେ.ମି । ଏଥିରୁ ଦୈନିକ 1000 ଲିଟର ପାଣି କାଢିଦେଲେ, କେତେ ଦିନରେ ପାଣିତକ ଶେଷ ହୋଇଯିବ ।
(A) 4 ଦିନ (B) 6 ଦିନ (C) 7 ଦିନ (D) 8 ଦିନ

4. In a division the devisor is 4 times the quotient and 3 times reminder. If the reminder is 4, what is the dividend?
(A) 16 (B) 19 (C) 40 (D) 48

ଏକ ଭାଗକ୍ରିୟାରେ ଭାଜକ, ଭାଗଫଳର 4 ଗୁଣ ଏବଂ ଭାଗଶେଷର 3 ଗୁଣ ଅଟେ । ଯଦି ଭାଗଶେଷ 4 ହୁଏ, ତେବେ ଭାଜ୍ୟ କେତେ ?
(A) 16 (B) 19 (C) 40 (D) 48

5. The age of father and son together was 45, 5years back. What will be their combined age after 5 years?
(A) 65 (B) 60 (C) 55 (D) 50

5 ବର୍ଷ ପୂର୍ବେ ବାପ ଓ ପୁଅର ବୟସ ମିଶି 45 ବର୍ଷ ଥିଲା । 5 ବର୍ଷ ପରେ ସେମାନଙ୍କର ବୟସର ସମଷ୍ଟି କେତେ ହେବ?
(A) 65 (B) 60 (C) 55 (D) 50

6. What smallest number has to be deducted from 1294 to leave a reminder of 6 in each case when divided by 9, 11 & 13?
(A) 1 (B) 2 (C) 3 (D) 4

1294 ରୁ କେଉଁ କ୍ଷୁଦ୍ରତମ ସଂଖ୍ୟା ବିୟୋଗ କରି 9, 11, 13 ଦ୍ୱାରା ଭାଗକଲେ ପ୍ରତ୍ୟେକ କ୍ଷେତ୍ରରେ ଭାଗଶେଷ 6 ରହିବ?
(A) 1 (B) 2 (C) 3 (D) 4

7. What smallest number shall be added to 11158 to make the addition divisible by 77?
(A) 9 (B) 8 (C) 7 (D) 5

11158 ରେ କେଉଁ କ୍ଷୁଦ୍ରତମ ସଂଖ୍ୟା ଯୋଗକଲେ ଯୋଗଫଳ 77 ଦ୍ୱାରା ବିଭାଜ୍ୟ ହେବ?
(A) 9 (B) 8 (C) 7 (D) 5

Teachingninja.in

## ARITHMETIC

8. What is the difference between the positional values of 6 in the number 964362?
(A) 59940 (B) 5994400 (C) 5994 (D) None of these

964362 ରେ '6' ର ସ୍ଥାନୀୟ ମାନ ମଧ୍ୟରେ ଅନ୍ତର କେତେ?
(A) 59940 (B) 5994400 (C) 5994 (D) ଏମାନଙ୍କ ମଧ୍ୟରୁ କୌଣସିଟି ନୁହେଁ

9. What is the highest of all the 2 digit primary numbers?
(A) 93 (B) 97 (C) 89 (D) 79

ଦୁଇ ଅଙ୍କ ବିଶିଷ୍ଟ ସବୁଠାରୁ ବଡ ମୌଳିକ ସଂଖ୍ୟାଟି କେତେ ?
(A) 93 (B) 97 (C) 89 (D) 79

10. The addition of 2 numbers is 15 and the addition of their squares is 113. What are the 2 numbers?
(A) 4, 11 (B) 5, 10 (C) 6, 9 (D) 7, 8

ଦୁଇଟି ସଂଖ୍ୟାର ଯୋଗଫଳ 15 ଓ ସେମାନଙ୍କର ବର୍ଗର ଯୋଗଫଳ 113 । ତେବେ ସଂଖ୍ୟା ଦ୍ୱୟ କେତେ?
(A) 4, 11 (B) 5, 10 (C) 6, 9 (D) 7, 8

11. What number shall be multiplied by that number to make a product of 41209?
(A) 207 (B) 203 (C) 209 (D) 213

କେଉଁ ସଂଖ୍ୟାକୁ ସେହି ସଂଖ୍ୟା ଦ୍ୱାରା ଗୁଣିଲେ ଗୁଣଫଳ 41209 ହେବ?
(A) 207 (B) 203 (C) 209 (D) 213

12. The result of subtraction of 2 numbers is 20% of the greater number. If the smaller number is 20, what is the greater number?
(A) 25 (B) 45 (C) 50 (D) 80

ଦୁଇଟି ସଂଖ୍ୟାର ବିୟୋଗଫଳ, ବଡସଂଖ୍ୟାର 20% ଅଟେ । ସାନ ସଂଖ୍ୟାଟି 20 ହେଲେ, ବଡ ସଂଖ୍ୟାଟି କେତ ?
(A) 25 (B) 45 (C) 50 (D) 80

13. 15 years back, my age was 3 times the age my son. Now my age is 2 times the age of my son. What is the total age of both of us?
(A) 60 years (B) 64 years (C) 72 years (D) 90 years

15 ବର୍ଷ ପୂର୍ବେ ମୋର ବୟସ ମୋପୁଅ ବୟସର 3 ଗୁଣ ଥିଲା । ବର୍ତ୍ତମାନ ମୋର ବୟସ ମୋ ପୁଅ ବୟସର ଦୁଇଗୁଣ ଅଟେ । ତେବେ ବର୍ତ୍ତମାନ ଆମ ଦୁଇ ଜଣଙ୍କର ବୟସ ମିଶି କେତେ?
(A) 60 ବର୍ଷ (B) 64 ବର୍ଷ (C) 72 ବର୍ଷ (D) 90 ବର୍ଷ

14. The product of two numbers is 70 and their addition is 17. What is the difference between the two?
(A) 3 (B) 4 (C) 5 (D) 6

ଦୁଇଟି ସଂଖ୍ୟାର ଗୁଣଫଳ 70 ଓ ଯୋଗଫଳ 17 । ତେବେ ସଂଖ୍ୟା ଦୁଇଟିର ଅନ୍ତର ଫଳ କେତେ ?
(A) 3 (B) 4 (C) 5 (D) 6

15. If 517*324 is divisible by 3, which of the following small number will replace the star?
(A) 0 (B) 1 (C) 2 (D) None of these

ଯଦି 517 * 324 ସଂଖ୍ୟାଟି 3 ଦ୍ୱାରା ବିଭାଜ୍ୟ ହୁଏ, ତେବେ * ଥିବା ସ୍ଥାନରେ ନିମ୍ନୋକ୍ତ କେଉଁ କ୍ଷୁଦ୍ରତମ ସଂଖ୍ୟାଟି ରହିବ ?
(A) 0 (B) 1 (C) 2 (D) ଏମାନଙ୍କ ମଧ୍ୟରୁ କୌଣସିଟି ନୁହେଁ

Teachingninja.in

## ARITHMETIC

16. Which of the following number will fill up the gap in the series 4, 16, 36, 64____, 144?
(A) 81 (B) 100 (C) 132 (D) 140

4, 16, 36, 64, ------144 ଅନୁକ୍ରମର ଶୂନ୍ୟ ସ୍ଥାନରେ କେଉଁ ସଂଖ୍ୟା ରହିବ?
(A) 81 (B) 100 (C) 132 (D) 140

17. $3/5^{th}$ of a village are farmers and the rest are businessmen. If the number of businessmen is 300, what is the total population?
(A) 650 (B) 750 (C) 700 (D) 800

ଗୋଟିଏ ଗ୍ରାମର 3/5 ଅଂଶ ଚାଷୀ ଓ ଅବଶିଷ୍ଟ ବ୍ୟବସାୟୀ । ଯଦି ବ୍ୟବସାୟୀଙ୍କ ସଂଖ୍ୟା 300 ହୁଏ, ତେବେ ଗ୍ରାମର ମୋଟ ଲୋକ ସଂଖ୍ୟା କେତେ ?
(A) 650 (B) 750 (C) 700 (D) 800

18. Rahim reared some hen and goats. If the heads of the hens and goats are 90 and their legs are 248, how many goats did Rahim rear?
(A) 32 (B) 34 (C) 36 (D) 40

ରହିମ୍ କିଛି କୁକୁଡା ଓ ଛେଳି ପାଳିଥିଲା । ଯଦି ଛେଳି ଓ କୁକୁଡା ମୁଣ୍ଡ ମିଶି 90 ଓ ଗୋଡ ମିଶି 248 ହୁଏ, ତେବେ ରହିମ୍ କେତୋଟି ଛେଳି ପାଳିଥିଲା ?
(A) 32 (B) 34 (C) 36 (D) 40

19. $\frac{a-b}{ab} + \frac{b-c}{bc} + \frac{c-a}{ca} =$ ______?
(A) 0 (B) $\frac{1}{a}$ (C) $\frac{1}{b}$ (D) $\frac{1}{c}$

$\frac{a-b}{ab} + \frac{b-c}{bc} + \frac{c-a}{ca} =$ ______?
(A) 0 (B) $\frac{1}{a}$ (C) $\frac{1}{b}$ (D) $\frac{1}{c}$

20. The H.C.F of two numbers is 13. If one number is 91, what is the other number?
(A) 7 (B) 65 (C) 13 (D) 63

ଦୁଇଟି ସଂଖ୍ୟାର ଗ.ସା.ଗୁ. 13 । ଗୋଟିଏ ସଂଖ୍ୟା 91 ହେଲେ, ଅନ୍ୟଟି ସଂଖ୍ୟାଟି କେତେ?
(A) 7 (B) 65 (C) 13 (D) 63

21. What times of H.C.F is the L.C.M of 48, 36, 72 & 24?
(A) 6 (B) 12 (C) 18 (D) 24

48, 36, 72 ଏବଂ 24 ର ଲ.ସା.ଗୁ. ଏମାନଙ୍କ ଗ.ସା.ଗୁ. ର କେତେ ଗୁଣ?
(A) 6 (B) 12 (C) 18 (D) 24

22. The H.C.F of 2 numbers is 3 and the L.C.M is 60. If one number is 12 what is the other number?
(A) 5 (B) 15 (C) 18 (D) 36

ଦୁଇଟି ସଂଖ୍ୟାର ଗ.ସା.ଗୁ. 3, ଲ.ସା.ଗୁ. 60 । ଗୋଟିଏ ସଂଖ୍ୟା 12 ହେଲେ ଅନ୍ୟଟି କେତେ?
(A) 5 (B) 15 (C) 18 (D) 36

Teachingninja.in

## ARITHMETIC

23. The L.C.M of 25 & 30 is how many times their H.C.F?
(A) 40 (B) 41 (C) 45 (D) None of these

35 ଓ 30 ଲ. ସା. ଗୁ. ଏମାନଙ୍କର ଗ. ସା. ଗୁ. ର କେତେ ଗୁଣ ?
(A) 40 (B) 41 (C) 45 (D) କୌଣସିଟି ନୁହେଁ

24. Find out the LCM of $3\,a^2b$, $4\,a\,b^2$ & $6\,ab$.
(A) $12\,a^2\,b^2$ (B) $12\,a^2\,b$ (C) $12\,a\,b^2$ (D) $12\,a\,b$

$3\,a^2b$, $4\,a\,b^2$ & $6\,ab$ ର ଲ. ସା. ଗୁ. କେତେ?
(A) $12\,a^2\,b^2$ (B) $12\,a^2\,b$ (C) $12\,a\,b^2$ (D) $12\,a\,b$

25. The sum of two numbers is 384 and their HCF is 48. What is the difference between the two numbers?
(A) 48 (B) 96 (C) 144 (D) 192

ଦୁଇଟି ସଂଖ୍ୟାର ଯୋଗଫଳ 384 ଏବଂ ସଂଖ୍ୟାଦ୍ୱୟର ଗ.ସା.ଗୁ. 48 । ତେବେ ସଂଖ୍ୟାଦ୍ୱୟ ମଧ୍ୟରେ ଅନ୍ତର କେତେ?
(A) 48 (B) 96 (C) 144 (D) 192

26. The addition of two numbers is 384 and their H.C.F is 48. What is the ratio between the two numbers?
(A) 3:5 (B) 4:5 (C) 2:3 (D) 1:3

ଦୁଇଟି ସଂଖ୍ୟାର ଯୋଗଫଳ ୩୮୪ ଓ ଗସାଗୁ ୪୮ ହେଲେ, ସଂଖ୍ୟା ଦ୍ୱୟର ଅନୁପାତ କେତେ ?
(A) 3:5 (B) 4:5 (C) 2:3 (D) 1:3

27. The proportion of two numbers is 5:6. If their H.C.F is 4 what is their L.C.M?
(A) 90 (B) 96 (C) 120 (D) 150

ଦୁଇଟି ସଂଖ୍ୟାର ଅନୁପାତ 5:6 । ଯଦି ସେମାନଙ୍କର ଗ.ସା.ଗୁ. 4 ହୁଏ, ତେବେ ସେମାନଙ୍କର ଲ.ସା.ଗୁ. କେତେ ?
(A) 90 (B) 96 (C) 120 (D) 150

28. The H.C.F of three numbers is 3 and their L.C.M is 720. If the 1st and 2nd numbers are 15 & 36, what is the 3rd number?
(A) 16 (B) 14 (C) 12 (D) 10

ତିନୋଟି ସଂଖ୍ୟାର ଗ.ସା.ଗୁ. 3 ଓ ଲ.ସା.ଗୁ. 720 । ଯଦି ପ୍ରଥମ ଓ ଦ୍ୱିତୀୟ ସଂଖ୍ୟାଦ୍ୱୟ 15 ଓ36 ହୁଅନ୍ତି, ତେବେ ତୃତୀୟ ସଂଖ୍ୟାଟି କେତେ ?
(A) 16 (B) 14 (C) 12 (D) 10

29. The product of two numbers is 216 and their H.C.F is 6. What is their L.C.M?
(A) 36 (B) 48 (C) 60 (D) 120

ଦୁଇଟି ସଂଖ୍ୟାର ଗୁଣଫଳ 216 ଏବଂ ସେମାନଙ୍କର ଗ.ସା.ଗୁ. 6 ହେଲେ, ସଂଖ୍ୟାଦ୍ୱୟର ଲ.ସା.ଗୁ. କେତେ?
(A) 36 (B) 48 (C) 60 (D) 120

30. The proportion of two numbers is 3:5 and their L.C.M. is 225. Then find out the smaller number?
(A) 45 (B) 60 (C) 75 (D) 90

ଦୁଇଟି ସଂଖ୍ୟାର ଅନୁପାତ 3: 5 ଏବଂ ସେମାନଙ୍କର ଲ. ସା. ଗୁ. 225 । ତେବେ ସାନ ସଂଖ୍ୟାଟି କେତେ?
(A) 45 (B) 60 (C) 75 (D) 90

Teachingninja.in

## ARITHMETIC

3.. The ratio of two numbers is 5:4. If 40% of the first number is 12, what will be 50% of the second number?
(A) 12 (B) 14 (C) 15 (D) 18

ଦୁଇଟି ସଂଖ୍ୟାର ଅନୁପାତ 5:4 । ଯଦି ପ୍ରଥମ ସଂଖ୍ୟାର 40% 12 ହୁଏ, ତେବେ ଦ୍ୱିତୀୟ ସଂଖ୍ୟାର 50% କେତେ ହେବ?
(A) 12 (B) 14 (C) 15 (D) 18

32. The H.C.F of two numbers is 11 and their L.C.M is 7700. If one number is 275, what is the other number?
(A) 279 (B) 283 (C) 308 (D) 318

ଦୁଇଟି ସଂଖ୍ୟାର ଗ. ସା. ଗୁ. 11 ଏବଂ ଲ. ସା. ଗୁ. 7700 । ଗୋଟିଏ ସଂଖ୍ୟା 275 ହେଲେ, ଅନ୍ୟ ସଂଖ୍ୟାଟି କେତେ?
(A) 279 (B) 283 (C) 308 (D) 318

33. If the proportion of 3 numbers is 3:5:7 and their L.C.M is 4200, what is their H.C.F?
(A) 40 (B) 80 (C) 120 (D) 200

ତିନୋଟି ସଂଖ୍ୟାର ଅନୁପାତ 3: 5: 7 ଏବଂ ସେମାନଙ୍କର ଲ. ସା. ଗୁ. 4200, ତେବେ ସେମାନଙ୍କର ଗ. ସା. ଗୁ. କେତେ ?
(A) 40 (B) 80 (C) 120 (D) 200

34. Find out the LCM of $a^2 + ab$ & $ab - b^2$.
(A) ab (a + b)(a - b) (B) a (a - b)(a - b) (C) b (a + b)(a + b) (D) ab (a - b)(a + b)

$a^2 + ab$ & $ab - b^2$ ର ଲ଼ ସା଼ ଗୁ଼ କେତେ ?
(A) ab (a + b)(a - b) (B) a (a - b)(a - b) (C) b (a + b)(a + b) (D) ab (a - b)(a + b)

35. What is the square of 1111?
(A) 1234321 (B) 12321 (C) 1112311 (D) 1232341

1111 ର ବର୍ଗ କେତେ?
(A) 1234321 (B) 12321 (C) 1112311 (D) 1232341

36. What smallest number should be added to 6375 to make the sum a complete square number?
(A) 50 (B) 20 (C) 25 (D) 100

6375 ରେ କେଉଁ କ୍ଷୁଦ୍ରତମ ସଂଖ୍ୟା ଯୋଗ କଲେ ଯୋଗଫଳ ଏକ ପୂର୍ଣ୍ଣ ବର୍ଗ ସଂଖ୍ୟା ହେବ?
(A) 50 (B) 20 (C) 25 (D) 100

37. $(0.021)^2=$ ______ ?
(A) 441 (B) 0.0441 (C) 0.0441 (D) 0.000441

$(0.021)^2=$ କେତେ ହେବ ?
(A) 441 (B) 0.0441 (C) 0.0441 (D) 0.000441

38. What is the square root of 0.053361?
(A) ± 0.231 (B) ±0.241 (C) ±0.249 (D) ±0.251

0. 053361 ର ବର୍ଗ ମୂଳ କେତେ?
(A) ± 0.231 (B) ±0.241 (C) ±0.249 (D) ±0.251

39. What is smallest complete square root number nearest to 1000?
(A) 29 (B) 30 (C) 31 (D) 32

1000 ର ନିକଟମ ଏବଂ କ୍ଷୁଦ୍ରତମ ପୂର୍ଣ୍ଣ ବର୍ଗମୂଳଟି କେତେ?
(A) 29 (B) 30 (C) 31 (D) 32

Teachingninja.in

## ARITHMETIC

40. The length of a rectangular is 1.5 times its width. If its area is 1350 sq. meter, what is its perimeter?
(A) 120 ମି. (B) 130 ମି. (C) 140 ମି. (D) 150 ମି.

ଗୋଟିଏ ଆୟତ କ୍ଷେତ୍ରର ଦୈର୍ଘ୍ୟ ପ୍ରସ୍ଥର ଦେଢ଼ ଗୁଣ । ଏହାର କ୍ଷେତ୍ରଫଳ 1350 ବ. ମିଟର ହେଲେ, ଏହାର ପରିସୀମା କେତେ ?
(A) 120 ମି. (B) 130 ମି. (C) 140 ମି. (D) 150 ମି.

41. In exchange of two square size plots of 400 & 441 sq. meter, a man purchased one square size lot. What will be the expenditure if it is fenced at a rate of Rs.5.00/per meter?
(A) 240 ଟଙ୍କା (B) 260 ଟଙ୍କା (C) 280 ଟଙ୍କା (D) 300 ଟଙ୍କା

ଜଣେ ଲୋକ ତାହାର 400 ଓ 441 ବର୍ଗ ମିଟରର ଦୁଇଟି ବର୍ଗାକାର ଜମି ବଦଳରେ ଗୋଟିଏ ବର୍ଗାକାର ଜମି କିଣିଲା । ଏଥିରେ ବାଡ ଦେବା ଖର୍ଚ୍ଚ ମିଟର ପ୍ରତି 5 ଟଙ୍କା ହିସାବରେ କେତେ ଖର୍ଚ୍ଚ ହେବ ?
(A) 240 ଟଙ୍କା (B) 260 ଟଙ୍କା (C) 280 ଟଙ୍କା (D) 300 ଟଙ୍କା

42. If the area of a square size field is 133.6336 sq. meter, what is its perimeter?
(A) 48.24 ମି. (B) 46.42 ମି. (C) 46.24 ମି. (D) 46.32 ମି.

ଗୋଟିଏ ବର୍ଗାକାର ପଡିଆର କ୍ଷେତ୍ରଫଳ 133.6336 ବ.ମି. ହେଲେ, ପଡିଆର ପରିସୀମା କେତେ?
(A) 48.24 ମି. (B) 46.42 ମି. (C) 46.24 ମି. (D) 46.32 ମି.

43. What is the cube root of $\frac{-1331}{4096}$ ?
(A) $-\frac{11}{36}$ (B) $-\frac{21}{16}$ (C) $\frac{21}{26}$ (D) $-\frac{11}{16}$

$\frac{-1331}{4096}$ ର ଘନ ମୂଳ କେତେ ?
(A) $-\frac{11}{36}$ (B) $-\frac{21}{16}$ (C) $\frac{21}{26}$ (D) $-\frac{11}{16}$

44. $\sqrt[3]{27}\times\sqrt[3]{-2744} =$ ______ ?
(A) -52 (B) -42 (C) -32 (D) -24

$\sqrt[3]{27}\times\sqrt[3]{-2744} =$ କେତେ ହେବ?
(A) -52 (B) -42 (C) -32 (D) -24

45. $\sqrt[3]{-1728 \times 15625} =$ ______ ?
(A) -180 (B) -240 (C) -280 (D) -300

$\sqrt[3]{-1728 \times 15625} =$ କେତେ ହେବ?
(A) -180 (B) -240 (C) -280 (D) -300

46. The population of a town is Rs.3, 00, 000. If the birth rate is 5% and the death 3%, what will be the population of that town after 2 years?
(A) 321120 (B) 311220 (C) 312120 (D) 322110

ଗୋଟିଏ ସହରର ଲୋକସଂଖ୍ୟା 3, 00,000 । ଯଦି ଜନ୍ମହାର 5% ଓ ମୃତ୍ୟୁହାର 3% ହୋଇଥାଏ, ତେବେ 2 ବର୍ଷ ପରେ ସେହି ସହରର ଲୋକ ସଂଖ୍ୟା କେତେ ହେବ ?
(A) 321120 (B) 311220 (C) 312120 (D) 322110

Teachingninja.in

## ARITHMETIC

4.. If the salary of 'A' is 25% higher than the salary of 'B', by what percent is the salary of 'B' less than the salary of 'A'?
(A) 15% (B) 25% (C) 10% (D) 20%

ଯଦି A ର ଦରମା B ଦରମାର 25% ଅଧିକ ହୁଏ, ତେବେ B ର ଦରମା A ଦରମାର ଶତକଡା କେତେ କମ?
(A) 15% (B) 25% (C) 10% (D) 20%

48. The average of 6 members in family is 22 years. If the age of the youngest is 7 years, what was average age of the members of the family at the time of birth of the youngest?
(A) 15 years (B) 16 years (C) 17 years (D) 18 years

ବାରର 6 ଜଣଙ୍କର ହାରାହାରି ବୟସ 22 ବର୍ଷ । ଯଦି ସବା ସାନ ଜଣକର ବୟସ 7 ବର୍ଷହୁଏ, ତେବେ ସାନଜଣଙ୍କ ଜନ୍ମ ସମୟରେ ପରିବାରର ସଭ୍ୟମାନଙ୍କର ହାରାହାରି ବୟସ କେତେ ଥିଲା ?
(A) 15 ବର୍ଷ (B) 16 ବର୍ଷ (C) 17 ବର୍ଷ (D) 18 ବର୍ଷ

49. An examinee secures 30% marks and fails by 50 marks in an examination. Another examinee gets 320 marks and fails by 30 marks. What is the maximum marks of the examination?
(A) 700 (B) 800 (C) 900 (D) 1000

ଜଣେ ପରୀକ୍ଷାର୍ଥୀ ଏକ ପରୀକ୍ଷାରେ 30% ନମ୍ବର ରଖି 50 ନମ୍ବର ପାଇଁ ଫେଲ୍ ହୁଏ । ଆଉ ଜଣେ ପରୀକ୍ଷାର୍ଥୀ 320 ନମ୍ବର ରଖି 30 ନମ୍ବର ପାଇଁ ଫେଲ୍ ହୁଏ । ତେବେ ପରୀକ୍ଷାର ସର୍ବାଧିକ ନମ୍ବର କେତେ ?
(A) 700 (B) 800 (C) 900 (D) 1000

50. What is the average of X, X+2, X+4, X+6 and X+8?
(A) x + 20 (B) x + 4 (C) x + 5 (D) x

x, x+2, x+4, x+6 ଓ x+8 ର ହାରାହାରି କେତେ?
(A) x + 20 (B) x + 4 (C) x + 5 (D) x

51. The difference of 90% and 83% of a number is 175. Then find out 99% of the number?
(A) 1426 (B) 1750 (C) 2475 (D) 2500

ଗୋଟିଏ ସଂଖ୍ୟାର 90% ଓ 83% ମଧ୍ୟରେ ଅନ୍ତର 175 । ତେବେ ସଂଖ୍ୟାଟିର 99% କେତେ ?
(A) 1426 (B) 1750 (C) 2475 (D) 2500

52. Find out the difference between 17% of 120 and 8% of 108?
(A) 11.66 (B) 11.76 (C) 10.76 (D) 10.66

120 ର 17% ଓ 108 ର 8% ମଧ୍ୟରେ ଅନ୍ତରଫଳ କେତେ?
(A) 11.66 (B) 11.76 (C) 10.76 (D) 10.66

53. How many hours is 20% of 40% of 4 hours and 20 minutes?
(A) 13/6 hours (B) 26/75 hours (C) 13 hours (D) None of these

4 ଘଣ୍ଟା 20 ମିନିଟ୍ ର 40% ର 20% କେତେ ଘଣ୍ଟା?
(A) 13/6 ଘଣ୍ଟା (B) 26/75 ଘଣ୍ଟା (C) 13 ଘଣ୍ଟା (D) କୌଣସିଟି ନୁହେଁ

Teachingninja.in

## ARITHMETIC

54. The rate of sugar having increased by 25%, Seema purchased 1kg less than before with Rs.100. What is the present rate of sugar per kg?
(A) Rs.20 (B) Rs.20.50 (C) Rs.25 (D) Rs.30

ଚିନିର ଦର 25% ବଢ଼ିଯିବାରୁ ସୀମା 100 ଟଙ୍କାରେ ପୂର୍ବାପେକ୍ଷା '1' କିଗ୍ରା କମ୍ ଚିନି କିଣିଲା । ବର୍ତ୍ତମାନ ଚିନିର କିଗ୍ରା ପ୍ରତି ଦର କେତେ ?
(A) ଟ20 (B) ଟ20.50 (C) ଟ25 (D) ଟ30

55. The average age of 25 boys is 15. If the average ages of first and the last 12 boys are 14.5 & 15.5 respectively, what the age of 13$^{th}$ boy?
(A) 10 (B) 12 (C) 15 (D) 16

25 ଜଣ ବାଳକଙ୍କର ହାରାହାରି ବୟସ 15. ଯଦି ପ୍ରଥମ 12 ଜଣ ଓ ଶେଷ 12 ଜଣଙ୍କର ହାରାହାରି ବୟସ ଯଥାକ୍ରମେ 14.5 ଓ 15.5 ହୁଏ, 13 ନମ୍ବର ସ୍ଥାନରେ ଥିବା ବାଳକର ବୟସ କେତେ ?
(A) 10 (B) 12 (C) 15 (D) 16

56. Nabaghana borrowed Rs.10, 000 from a bank at an interest rate of 10% and lent the same to 02 persons at 13% interest. How much profit he will earn after 5 years after repaying bank loan?
(A) Rs.1200 (B) Rs.1500 (C) Rs. 2100 (D) Rs.2500

ନବଘନ 10% ହାରରେ ବ୍ୟାଙ୍କରୁ 10,000 ଟଙ୍କା କରଜ କରି 13% ହାରରେ ଦୁଇଜଣ ଲୋକଙ୍କୁ କରଜ ଦେଲା । 5 ବର୍ଷ ଶେଷରେ ସେଥିରୁ ତା'ର ବ୍ୟାଙ୍କ ଋଣ ପରିଶୋଧ କରି କେତେ ଟଙ୍କା ଲାଭ ପାଇବ ?
(A) 1200 ଟ. (B) 1500 ଟ. (C) 2100 ଟ. (D) 2500 ଟ.

57. What is the rate of interest if the principal amount becomes 3 times including the principal and interest in 20 years?
(A) 10% (B) 12% (C) 8% (D) 10.5%

କୌଣସି ମୂଳଧନ 20 ବର୍ଷରେ ସୁଧ ଓ ମୂଳ ମିଶି ମୂଳଧନର 3 ଗୁଣ ହୋଇଯାଏ । ସୁଧର ହାର କେତେ ?
(A) 10% (B) 12% (C) 8% (D) 10.5%

58. If certain principal is doubled in 20years, how many years will it take for that principal to multiply by 4 times?
(A) 40 years (B) 50 years (C) 60 years (D) 80 years

ଯଦି କୌଣସି ମୂଳଧନ 20 ବର୍ଷରେ ଦ୍ୱିଗୁଣିତ ହୁଏ, ତେବେ କେତେ ବର୍ଷରେ ଉକ୍ତ ମୂଳଧନ 4 ଗୁଣ ହେବ ?
(A) 40 ବର୍ଷ (B) 50 ବର୍ଷ (C) 60 ବର୍ଷ (D) 80 ବର୍ଷ

59. In how many years the interest on principal amount of Rs. 2,500 @ 3% interest will be equal to the interest @ 7% for 5 years on principal amount of Rs.1, 500?
(A) 5 Years (B) 6 Years (C) 7 Years (D) 8 Years

କେତେ ବର୍ଷରେ 3% ସରଳ ସୁଧରେ ଟ2,500 ମୂଳଧନର ସୁଧ, ଟ1,500 ମୂଳଧନର 7% ସରଳ ସୁଧରେ 5 ବର୍ଷର ସୁଧ ସହିତ ସମାନ ହେବ ?
(A) 5 ବର୍ଷ (B) 6 ବର୍ଷ (C) 7 ବର୍ଷ (D) 8 ବର୍ଷ

Teachingninja.in

## ARITHMETIC

60. Ajay borrowed some money from Rashmi at 5% simple interest per annum and was freed of debt repaying Rs.8, 800 after 2 years. How much interest did he pay?

(A) Rs.800 (B) Rs.825 (C) Rs.850 (D) Rs.975

ଅଜୟ ବାର୍ଷିକ 5% ସରଳ ସୁଧରେ କିଛି ଟଙ୍କା ରଶ୍ମୀଠାରୁ କରଜ କରି ଦୁଇବର୍ଷ ପରେ ଟ8,800 ଦେଇ ଋଣମୁକ୍ତ ହେଲା । ତେବେ ସୁଧ ବାବଦକୁ ଅଜୟକୁ କେତେ ଟଙ୍କା ଦେବାକୁ ପଡିଲା?

(A) ଟ800 (B) ଟ825 (C) ଟ850 (D) ଟ975

61. At what rate of simple interest per annum certain principal amount will be doubled in 8 years?

(A) 10% (B) 12.5% (C) 15% (D) 20%

ବାର୍ଷିକ କେତେ ହାର ସରଳସୁଧରେ କୌଣସି ମୂଳଧନ 8 ବର୍ଷରେ ଦ୍ୱିଗୁଣିତ ହେବ ?

(A) 10% (B) 12.5% (C) 15% (D) 20%

62. Rakesh lent Prakash Rs.8750 at simple interest of 7%. How much interest will he get in 3 years?

(A) Rs.1870 (B) Rs.1837.50 (C) Rs.560 (D) Rs.2200

ରାକେଶ ବାର୍ଷିକ7% ସରଳ ସୁଧରେ ପ୍ରକାଶକୁ ଟ8,750 ଧାର ଦେଲା । ତେବେ ସେ 3 ବର୍ଷରେ କେତେ ସୁଧ ପାଇବ ?

(A) ଟ1870 (B) ଟ1837.50 (C) ଟ560 (D) ଟ2200

63. What is the amount of principal and interest of Rs.860 in 2 years @2paise per rupee per month?

(A) Rs.1227.80 (B) Rs.1722.80 (C) Rs.1272.80 (D) Rs.1722

ଟଙ୍କା ପ୍ରତି ମାସକୁ 2 ପଇସା ହିସାବରେ 860 ଟଙ୍କାର 2 ବର୍ଷର ସମୂଳସୁଧ କେତେ ?

(A) ଟ. 1227.80 (B) ଟ. 1722.80 (C) ଟ. 1272.80 (D) ଟ. 1722

64. If the difference between compound interest and simple interest on certain money at 5% per annum in 2 years is Rs.5, what is amount of the principal?

(A) Rs. 2000 (B) Rs. 1000 (C) Rs. 1500 (D) Rs. 2500

ବାର୍ଷିକ ଶତକଡା 5% ହାର ସୁଧରେ 2 ବର୍ଷରେ କୌଣସି ମୂଳଧନର ସରଳ ସୁଧ ଓ ଚକ୍ରବୃଦ୍ଧି ସୁଧ ମଧ୍ୟରେ ପାର୍ଥକ୍ୟ ଯଦି ଟ.5 ହୁଏ, ମୂଳଧନର ପରିମାଣ କେତେ ହେବ ?

(A) Rs. 2000 (B) Rs. 1000 (C) Rs. 1500 (D) Rs. 2500

65. The difference between simple interest and compound interest of certain amount at the interest rate of 10% in 3 years is Rs.93. What is that amount?

(A) Rs.6000 (B) Rs.5000 (C) Rs.4000 (D) Rs.3000

ଶତକଡା 10 ଟଙ୍କା ହାରରେ 3 ବର୍ଷରେ କୌଣସି ମୂଳଧନର ସରଳ ସୁଧ ଏବଂ ଚକ୍ରବୃଦ୍ଧି ସୁଧ ମଧ୍ୟରେ ପାର୍ଥକ୍ୟ 93 ଟଙ୍କା । ସେହି ମୂଳଧନର ପରିମାଣ କେତେ ?

(A) Rs.6000 (B) Rs.5000 (C) Rs.4000 (D) Rs.3000

66. What shall be the amount including compound interest, if Rs.1500 is invested at the interest rate of 7% in 2 years?

(A) Rs.1717.35 (B) Rs.1727.35 (C) Rs.1737.35 (D) Rs.1747.35

ଶତକଡା 7 ଟଙ୍କା ହାରରେ 1500 ଟଙ୍କାର 2 ବର୍ଷରେ ସମୂଳ ଚକ୍ରବୃଦ୍ଧି ସୁଧ କେତେ ହେବ?

(A) Rs.1717.35 (B) Rs.1727.35 (C) Rs.1737.35 (D) Rs.1747.35

Teachingninja.in

## ARITHMETIC

67. In how many years Rs.6250 will earn compound interest of Rs.510 if saved in a bank at the interest rate of 4% per annum?
(A) 2 years (B) 3 years (C) 4 years (D) 5 years

ଶତକଡା 4 ଟଙ୍କା ହାରରେ 6250 ଟଙ୍କା ଗୋଟିଏ ବ୍ୟାଙ୍କରେ ରଖିଲେ କେତେ ବର୍ଷରେ ତାର ଚକ୍ରବୃଦ୍ଧି ସୁଧ 510 ଟଙ୍କା ହେବ ?
(A) 2 years (B) 3 years (C) 4 years (D) 5 years

68. What will be the amount of compound interest if Rs.8000 is lent at simple interest rate of 5% for three years?
(A) Rs.1281 (B) Rs.1271 (C) Rs.1261 (D) Rs.1251

୫000 ଟଙ୍କା ମୂଳଧନକୁ ଶତକଡା 5 ଟଙ୍କା ସୁଧ ହାରରେ କରଜ ଦେଲେ ତିନି ବର୍ଷପରେ ଚକ୍ରବୃଦ୍ଧି ସୁଧ କେତେ ହେବ?
(A) Rs.1281 (B) Rs.1271 (C) Rs.1261 (D) Rs.1251

69. A person borrowed Rs.5000 from a bank at a compound interest of 10% to purchase a water pump. What amount of money will he repay the bank after 3 years to be free of the debt?
(A) Rs.6655 (B) Rs.6055 (C) Rs.5555 (D) Rs.5255

ଗୋଟିଏ ପାଣି ପମ୍ପ କିଣିବାକୁ ଜଣେ ଲୋକ 10 ପ୍ରତିଶତ ଚକ୍ରବୃଦ୍ଧି ସୁଧ ହାରରେ ବ୍ୟାଙ୍କରୁ 5000 ଟଙ୍କା ଋଣ ଉଠାଇଲେ । 3 ବର୍ଷପରେ ମୋଟ କେତେ ଟଙ୍କା ଦେଇ ସେ ବ୍ୟାଙ୍କରୁ ଋଣ ମୁକ୍ତ ହେବେ ।
(A) Rs.6655 (B) Rs.6055 (C) Rs.5555 (D) Rs.5255

70. A shopkeeper sold 2 articles and earned a profit of 20% in one and suffered a loss of 20% in the other. What was the percentage of his profit or loss in the business?
(A) 4% loss (B) 4% gain (C) 8% loss (D) No profit or loss

ଜଣେ ଦୋକାନୀ ଦୁଇଟି ଜିନିଷ ବିକ୍ରିକରି ଗୋଟିକରେ 20% ଲାଭ ପାଇଲା ଓ ଅନ୍ୟଟିରେ 20% କ୍ଷତି ସହିଲା । ମୋଟ ଉପରେ ତା'ର ଶତକଡା କେତେ ଲାଭ ବା କ୍ଷତି ହେଲା ?
(A) 4% loss (B) 4% gain (C) 8% loss (D) No profit or loss

71. As shopkeeper earns a profit of 10% after giving 10 percent discount on a book. What is cost of the book, if its price is marked Rs.77/-?
(A) Rs.70 (B) Rs.77 (C) Rs.63 (D) Rs.60

ଜଣେ ବହିଦୋକାନୀ ଖଣ୍ଡେ ବହି ଉପରେ 10% ରିହାତି ଦେବାପରେ ମଧ୍ୟ 10% ଲାଭ କରନ୍ତି । ଯଦି ବହି ଉପରେ ଦାମ୍ 77 ଟଙ୍କା ଲେଖା ଯାଇଥାଏ, ତାହା ହେଲେ ବହିଟିର କ୍ରୟମୂଲ୍ୟ କେତେ?
(A) 70 ଟଙ୍କା (B) 77 ଟଙ୍କା (C) 63 ଟଙ୍କା (D) 60 ଟଙ୍କା

72. The purchase price of a bicycle is Rs.2000/-. Its marked price is 50 percent more than the purchase price and the rebate is 20%. Find out the sale price of the bicycle?
(A) Rs.2300 (B) Rs.2400 (C) Rs.2500 (D) Rs.2600

ଗୋଟିଏ ସାଇକେଲର କ୍ରୟମୂଲ୍ୟ ଟ.2000 । ଏହାର ଲିଖିତ ମୂଲ୍ୟ କ୍ରୟମୂଲ୍ୟ ଅପେକ୍ଷା 50% ଅଧିକ ଓ ରିହାତି 20% ହେଲେ, ସାଇକେଲର ବିକ୍ରିମୂଲ୍ୟ କେତେ?
(A) 2300 ଟ. (B) 2400 ଟ. (C) 2500 ଟ. (D) 2600 ଟ.

Teachingninja.in

## ARITHMETIC

73. 'A' sold a cycle to 'B' @20% profit and 'B' sold the cycle to 'C' at 25% profit. If 'C' purchased cycle at Rs.1500, what is the sale price of the cycle?
(A) 1200 (B) 1100 (C) 1000 (D) None of these

A, B କୁ ଏକ ସାଇକେଲ 20 % ଲାଭରେ ଓ B, C କୁ 25% ଲାଭରେ ବିକ୍ରିକଲେ । ଯଦି C ସାଇକେଲକୁ ଟ.1500 ରେ କିଣିଥାଏ, ତେବେ ସାଇକେଲର ବିକ୍ରିମୂଲ୍ୟ କେତେ ?
(A) 1200 (B) 1100 (C) 1000 (D) କୋଣସିଟି ନୁହେଁ

74. If 5% of the sale price of a table is equal to 6% of its purchase price and 8% of its sale price and 9% of its purchase price makes a total of Rs.93 what is its purchase price?
(A) Rs.600 (B) Rs.400 (C) Rs.500 (D) Rs.700

ଯଦି ଗୋଟିଏ ଟେବୁଲର ବିକ୍ରିମୂଲ୍ୟର 5% ଓ କ୍ରୟମୂଲ୍ୟର 6% ପରସ୍ପର ସମାନ ଏବଂ ତା'ର ବିକ୍ରିମୂଲ୍ୟର 8% ଓ କ୍ରୟମୂଲ୍ୟର 9% ର ସମଷ୍ଟି ଟ.93 ହୁଏ, ଟେବୁଲଟିର କ୍ରୟମୂଲ୍ୟ କେତେ ହେବ ?
(A) ଟ.600 (B) ଟ.400 (C) ଟ.500 (D) ଟ.700

75. A, B, & C started a business investing Rs.14000. If the amount of profit earned after one year by A.B & C is Rs.337.50, Rs.1125 & Rs.637.50 respectively, what amount was invested by A?
(A) 2250 (B) 7500 (C) 4200 (D) None of these

A, B ଓ C ମୋଟ ଟ.14000 ଦେଇ ଏକ ବ୍ୟବସାୟ ଆରମ୍ଭ କଲେ । ବର୍ଷକ ପରେ A, B ଓ C ପାଇଥିବା ଲାଭର ପରିମାଣ ଯଥାକ୍ରମେ ଟ.337.50, ଟ.1125, ଟ.637.50 ହେଲେ, A ର ବିନିଯୋଗ ଅର୍ଥ କେତେ ?
(A) 2250 (B) 7500 (C) 4200 (D) କୋଣସିଟି ନୁହେଁ

76. Mohan suffered a loss of 10% by selling his wristwatch at Rs.1440. At what price he should have sold the watch to get a profit of 10%?
(A) Rs.1, 650 (B) Rs.1, 700 (C) Rs.1, 760 (D) Rs.1, 820

ମୋହନ ତା'ର ହାତଘଣ୍ଟାଟିକୁ ଟ1,440 ରେ ବିକ୍ରିକରି 10% କ୍ଷତି ସହିଲା । ତେବେ ସେ ଘଣ୍ଟାଟିକୁ କେତେ ଟଙ୍କାରେ ବିକ୍ରି କରିଥିଲେ 10% ଲାଭ ପାଇଥାନ୍ତା ?
(A) ଟ1, 650 (B) ଟ1, 700 (C) ଟ1, 760 (D) ଟ1, 820

77. A shopkeeper purchased 50 pens at Rs.50 each. He sold 40 pens at a loss of 5%. At what percentage of profit must he sell the balance pens to get 10% profit on the whole?
(A) 15% (B) 40% (C) 50% (D) 70%

ଜଣେ କଲମ ଦୋକାନୀ କଲମ ପ୍ରତି ଟ50 ହିସାବରେ 50 ଟି କଲମ କିଣିଲା । ସେଥିମଧ୍ୟରୁ 40 ଟି କଲମକୁ 5% କ୍ଷତିରେ ବିକ୍ରିକଲା । ତେବେ ଅବଶିଷ୍ଟ କଲମ ଗୁଡ଼ିକୁ ସେ କେତେ ଶତକଡା ଲାଭରେ ବିକ୍ରିକଲେ ତା'ର ମୋଟ ଉପରେ 10% ଲାଭ ହେବ?
(A) 15% (B) 40% (C) 50% (D) 70%

78. Hari bought 1600 eggs @Rs.3.75 per dozen. He sold 900 eggs @2 eggs per rupee and the rest at the rate of 5 eggs per Rs.2/- . What was his percentage of profit?
(A) 40% (B) 42% (C) 45% (D) 46%

ହରି ଡଜନ ପ୍ରତି ଟ3.75 ପଇସାରେ 1600 ଟି ଅଣ୍ଡା କିଣିଲା । ସେଥି ମଧ୍ୟରୁ 900 ଟି ଅଣ୍ଡାକୁ 1 ଟଙ୍କାରେ 2ଟି ଓ ଅବଶିଷ୍ଟ ଅଣ୍ଡାକୁ 2 ଟଙ୍କାରେ 5 ଟି କରି ବିକ୍ରିକଲେ । ତେବେ ସେ କେତେ ଶତକଡା ଲାଭ ପାଇଲେ ?
(A) 40% (B) 42% (C) 45% (D) 46%

Teachingninja.in

## ARITHMETIC

79. A dishonest businessman sells his goods and gains 20% profit on both the cost price and sale price using wrong measurement. What is the total percentage of his profit?
(A) 50% (B) 40% (C) 44% (D) None of these above

ଜଣେ ଅସାଧୁ ବ୍ୟବସାୟୀ ଭୁଲ୍ ଓଜନ ବ୍ୟବହାର କରି ଉଭୟ କ୍ରୟମୂଲ୍ୟ ଓ ବିକ୍ରୟ ମୂଲ୍ୟ ଉପରେ 20% ଲେଖାଏଁ ଲାଭ କରେ । ତେବେ ତା'ର ମୋଟରେ ଶତକଡା କେତେ ଲାଭ ହୁଏ ?
(A) 50% (B) 40% (C) 44% (D) ଏଥିମଧ୍ୟରୁ କୌଣସିଟି ନୁହେଁ

80. If the proportion of the sides of 2 cubes is 3:4, what is proportion of their volume?
(A) 3: 4 (B) 4:3 (C) 64: 27 (D) 27: 64

ଦୁଇଟି ସମଘନର ବାହୁ ମାନଙ୍କର ଅନୁପାତ 3: 4 ହେଲେ, ସେମାନଙ୍କର ଆୟତନର ଅନୁପାତ କେତେ ହେବ ?
(A) 3: 4 (B) 4:3 (C) 64: 27 (D) 27: 64

81. 350 students read in a school. The ratio of the boy and the girls is 4:3. How many girls have to leave the school to make their proportion 2:1?
(A) 20 (B) 30 (C) 40 (D) 50

ଗୋଟିଏ ବିଦ୍ୟାଳୟରେ 350 ଜଣ ପିଲା ପାଠ ପଢନ୍ତି । ସେମାନଙ୍କ ମଧ୍ୟରୁ ପୁଅ ଓ ଝିଅଙ୍କ ଅନୁପାତ 4:3 । ବିଦ୍ୟାଳୟରୁ କେତେ ଜଣ ଛାତ୍ରୀ ଛାଡି ଚାଲିଗଲେ, ସେହି ଅନୁପାତ 2:1 ହେବ ?
(A) 20 (B) 30 (C) 40 (D) 50

82. If A: B = 3:4 and B:C = 8:9, what is A:B:C?
(A) 8: 6: 9 (B) 6:8:9 (C) 9: 8: 6 (D) 3: 32: 9

ଯଦି A: B = 3:4 ଓ B: C = 8: 9 ହୁଏ, ତେବେ A: B: C କେତେ?
(A) 8: 6: 9 (B) 6:8:9 (C) 9: 8: 6 (D) 3: 32: 9

83. The proportion of copper, lead and nickel in an alloy of 100kg is 5:3:2. How much nickel would be added to the alloy to make their proportion of the new alloy 5:3:3?
(A) 8 kg. (B) 10 kg. (C) 12 kg. (D) 15 kg.

100 କେ.ଜି. ର ଏକ ଏଲୟରେ ଥିବା ତମ୍ବା, ସୀସା ଏବଂ ନିକେଲର ଅନୁପାତ 5 : 3 : 2 ଅଟେ । ଉକ୍ତ ଏଲୟରେ କେତେ ପରିମାଣର ନିକେଲ ମିଶାଇଲେ ନୂଆ ଏଲୟର ଅନୁପାତ 5 : 3 : 3 ହେବ ?
(A) 8 କେ.ଜି. (B) 10 କେ.ଜି. (C) 12 କେ.ଜି. (D) 15 କେ.ଜି.

84. Rs.832 was distributed between Ram & Govind. If the proportion of the money given to them is 1/3:1/5, how much money did Ram get?
(A) 312 (B) 520 (C) 500 (D) 332

ରାମ ଓ ଗୋବିନ୍ଦ ମଧ୍ୟରେ 832 ଟଙ୍କାକୁ ବାଣ୍ଟି ଦିଆଗଲା । ସେମାନେ ପାଇଥିବା ଟଙ୍କାର ଅନୁପାତ 1/3 : 1/5 ହେଲେ, ରାମ କେତେ ଟଙ୍କା ପାଇବ?
(A) 312 (B) 520 (C) 500 (D) 332

85. 350 boys read in a school. The ratio of the boys and girls is 4:3. After some girls left the school their ratio turned to 2:1. How many girls left the school?
(A) 20 (B) 30 (C) 40 (D) 50

ଗୋଟିଏ ବିଦ୍ୟାଳୟରେ 350 ଜଣ ପିଲା ପାଠ ପଢନ୍ତି । ସେମାନଙ୍କ ମଧ୍ୟରୁ ପୁଅ ଓ ଝିଅଙ୍କ ଅନୁପାତ 4 : 3 । ବିଦ୍ୟାଳୟରୁ କେତେ ଜଣ ଝିଅ ଛାଡି ଚାଲିଯିବାରୁ ପୁଅ ଓ ଝିଅଙ୍କର ଅନୁପାତ 2 : 1 ହେଲା । ତେବେ କେତେ ଜଣ ଝିଅ ବିଦ୍ୟାଳୟ ପରିତ୍ୟାଗ କଲେ?
(A) 20 (B) 30 (C) 40 (D) 50

Teachingninja.in

## ARITHMETIC

86. The proportion of 2 numbers is 10:1 and their sum is 1188. What is the number?
(A) 18 (B) 108 (C) 81 (D) 28

ଦୁଇଟି ସଂଖ୍ୟାର ଅନୁପାତ 10: 1 ଓ ସେମାନଙ୍କର ଯୋଗଫଳ 1188 ହେଲେ, ସଂଖ୍ୟାଟି କେତେ ?
(A) 18 (B) 108 (C) 81 (D) 28

87. There are 200 boys and girls and 10 teachers in a school. If the proportion of boys and girls is 7:3 what is the ratio of boys, girls and teachers?
(A) 7: 3: 1 (B) 7: 3: 2 (C) 6: 14: 1 (D) 14: 6:1

ଏକ ବିଦ୍ୟାଳୟରେ 200 ଜଣ ଛାତ୍ରଛାତ୍ରୀ ଓ 10 ଜଣ ଶିକ୍ଷକ ଅଛନ୍ତି । ଛାତ୍ର ଓ ଛାତ୍ରୀ ଅନୁପାତ 7: 3 ହେଲେ, ଛାତ୍ର, ଛାତ୍ରୀ ଓ ଶିକ୍ଷକଙ୍କ ଅନୁପାତ କେତେ ହେବ ?
(A) 7: 3: 1 (B) 7: 3: 2 (C) 6: 14: 1 (D) 14: 6:1

88. The ratio of two numbers are 3:5. If, 10 is added in each number, the new ratio becomes 5:7. Then find out the smaller number?
(A) 9 (B) 12 (C) 15 (D) 25

ଦୁଇଟି ସଂଖ୍ୟାର ଅନୁପାତ 3: 5 । ଯଦି ପ୍ରତ୍ୟେକ ସଂଖ୍ୟାରେ 10 ଯୋଗ କରାଯାଏ, ନୂତନ ସଂଖ୍ୟା ଦ୍ୱୟର ଅନୁପାତଟି 5: 7 ହୁଏ। ତେବେ ସାନ ସଂଖ୍ୟାଟି କେତେ ?
(A) 9 (B) 12 (C) 15 (D) 25

89. At what ratio a shopkeeper shall add two types of rice, one @ Rs. 15 and the other @ Rs. 20 per kg to get Rs. 16.50 per kg?
(A) 3: 7 (B) 5: 7 (C) 7: 3 (D) 7: 5

କେଉଁ ଅନୁପାତରେ ଗୋଟିଏ ଦୋକାନୀ କିଲୋଗ୍ରାମ ପ୍ରତି 15 ଟଙ୍କା ଓ 20 ଟଙ୍କାର ଦୁଇ ପ୍ରକାର ଚାଉଳ ମିଶାଇଲେ, କିଲୋ ପ୍ରତି 16.50 ଟଙ୍କା ପାଇ ପାରିବ ?
(A) 3: 7 (B) 5: 7 (C) 7: 3 (D) 7: 5

90. The length of a rectangle is increased by 20% and the width is decreased by 20%. The area decreases by-
(A) 8% (B) 0.8% (C) 1.2% (D) 4%

ଗୋଟିଏ ଆୟତକ୍ଷେତ୍ରର ଦୈର୍ଘ୍ୟ ଶତକଡା 20% ବଢାଗଲା ଏବଂ ପ୍ରସ୍ଥ ଶତକଡା 20 କମାଗଲା । ତେବେ ଏହାର କ୍ଷେତ୍ରଫଳ କେତେ କମିଲା ?
(A) 8% (B) 0.8% (C) 1.2% (D) 4%

91. The ratio between the length and breadth of a rectangular field is 5:4. If the breadth is 20m less than the length, the perimeter of the field is:
(A) 260 m (B) 280 m (C) 360 m (D) None

ଗୋଟିଏ ଆୟତ କ୍ଷେତ୍ରର ଦୈର୍ଘ୍ୟ ଓ ପ୍ରସ୍ଥର ଅନୁପାତ 5:4 । ଯଦି ଏହାର ପ୍ରସ୍ଥ ଦୈର୍ଘ୍ୟଠାରୁ 20 ମିଟର କମ ହୋଇଥାଏ , ତେବେ ଆୟତ କ୍ଷେତ୍ରର ପରିସୀମା କେତେ ?
(A) 260 m (B) 280 m (C) 360 m (D) None

Teachingninja.in

## ARITHMETIC

92. The material of a cone was converted in to the shape of a cylinder of equal radius. If the height of the cylinder is 6 cm, the height of the cone was-
(A) 2 cm (B) 6 cm (C) 18 cm (D) 36 cm

ଗୋଟିଏ କୋନ୍ କୁ ତରଳାଇ ସମାନ ବ୍ୟାସାର୍ଦ୍ଧ ବିଶିଷ୍ଟ ଗୋଟିଏ ସିଲିଣ୍ଡରରେ ପରିଣତ କରାଗଲା । ଯଦି ସିଲିଣ୍ଡରର ଉଚ୍ଚତା 6 ସେ. ମି. ହୁଏ, ତେବେ କୋନ୍ ର ଉଚ୍ଚତା କେତେ ହେବ ?
(A) 2 cm (B) 6 cm (C) 18 cm (D) 36 cm

93. The radius of a cylinder is the same as that of a sphere. Their volumes are equal. The height of the cylinder is how many times its radius?
(A) 4/3 (B) 2/3 (C) 1 (D) 2

ଗୋଟିଏ ସିଲିଣ୍ଡର ବ୍ୟାସାର୍ଦ୍ଧ ଗୋଟିଏ ଗୋଲକର ବ୍ୟାସାର୍ଦ୍ଧ ସଙ୍ଗେ ସମାନ । ସେମାନଙ୍କର ଆୟତନ ସମାନ ଅଟେ । ତେବେ ସିଲିଣ୍ଡର ଉଚ୍ଚତା ତାହାର ବ୍ୟାସାର୍ଦ୍ଧର କେତେ ଗୁଣ ?
(A) 4/3 (B) 2/3 (C) 1 (D) 2

94. If the height of a cone is doubled, then its volume is increased by:
(A) 100% (B) 200% (C) 300% (D) 400%

ଯଦି ଗୋଟିଏ କୋନ୍ ର ଉଚ୍ଚତାକୁ ଦୁଇ ଗୁଣ କରାଯାଏ, ତେବେ ଏହାର ଆୟତନ କେତେ ବୃଦ୍ଧିପାଇବ ?
(A) 100% (B) 200% (C) 300% (D) 400%

95. If the ratio of volumes of two sphere is 1:8, the ratio of their surface area is-
(A) 1:2 (B) 1:4 (C) 1:8 (D) 1:16

ଯଦି ଦୁଇଟି ଗୋଲକର ଘନଫଳର ଅନୁପାତ 1:8 ହୁଏ, ତେବେ ତା'ର ଉପରିଭାଗର କ୍ଷେତ୍ରଫଳର ଅନୁପାତ କେତେ ?
(A) 1:2 (B) 1:4 (C) 1:8 (D) 1:16

96. If the surface areas of two spheres are in the ratio of 4:25, the ratio of their volume is-
(A) 4:25 (B) 25:4 (C) 125:8 (D) 8:125

ଯଦି 2 ଟି ଗୋଲକର ପୃଷ୍ଠତଳର ଅନୁପାତ 4:25 ହୁଏ, ତେବେ ସେମାଙ୍କର ଘନଫଳର ଅନୁପାତ କେତେ ?
(A) 4:25 (B) 25:4 (C) 125:8 (D) 8:125

97. A cube of side 6 cm is cut in to a number of cubes, each of side 2 cm. The number of cubes will be:
(A) 6 (B) 9 (C) 12 (D) 27

6 ସେ. ମି. ବାହୁ ବିଶିଷ୍ଟ ଏକ ସମଘନକୁ କାଟି କେତେ ଗୁଡିଏ 2 ସେ. ମି. ବାହୁ ବିଶିଷ୍ଟ ସମଘନରେ ପରିଣତ କରାଗଲା । ତେବେ ଏହି ସମଘନ ଗୁଡିକର ସଂଖ୍ୟା କେତେ ହେବ?
(A) 6 (B) 9 (C) 12 (D) 27

98. Three cubes of iron whose edges are 6 cm, 8cm, and 10cm respectively are melted and formed in to a single cube. The edge of the new cube formed is:
(A) 12 cm (B) 14 cm (C) 16 cm (D) 18 cm

6 ସେ.ମି., 8 ସେ.ମି. ଓ 10 ସେ. ମି. ବାହୁବିଶିଷ୍ଟ ତିନୋଟି ଲୌହ ନିର୍ମିତ ସମଘନକୁ ତରଳାଇ ଏକ ନୂତନ ସମଘନରେ ପରିଣତ କଲେ, ଏହାର ବାହୁର ଦୈର୍ଘ୍ୟ କେତେ ହେବ ?
(A) 12 cm (B) 14 cm (C) 16 cm (D) 18 cm

Teachingninja.in

## ARITHMETIC

99. A metal sphere of 5 cm radius is melted to make a cone with base of the same radius. What is the height of the cone?
(A) 10 cm (B) 15 cm (C) 20 cm (D) 5 cm

5 ସେ.ମି. ବ୍ୟାସାର୍ଦ୍ଧ୍ୟ ବିଶିଷ୍ଟ ଗୋଟିଏ ଧାବକ ଗୋଲକକୁ ତରଳାଇ ସମବ୍ୟାସାର୍ଦ୍ଧ ବିଶିଷ୍ଟ ଏକ କୋନ୍ ରେ ପରିଣତ କରାଗଲା । ସେହି କୋନ୍ ର ଉଚ୍ଚତା କେତେ ?
(A) 10 cm (B) 15 cm (C) 20 cm (D) 5 cm

100. Two taps 'A' and 'B' can fill a cistern in 28 minutes and 56 minutes respectively. A third tap 'C' can empty it in 42 minutes. If all the three taps are open, the time taken to fill the cistern will be:
(A) 32 minutes (B) 33.6 minutes (C) 33.8 minutes (D) 34 minutes

ଦୁଇଟି ପାଣିନଳ A ଏବଂ B ଗୋଟିଏ କୁଣ୍ଡକୁ ଯଥାକ୍ରମେ 28 ମିନିଟ୍ ଓ 56 ମିନିଟରେ ପୂର୍ଣ୍ଣ କରିପାରନ୍ତି । ତୃତୀୟ ପାଣିନଳ 42 ମିନିଟରେ ତାହାକୁ ଖାଲି କରିପାରେ । ଯଦି ସମସ୍ତ ପାଣିନଳକୁ ଏକ ସମୟରେ ଖୋଲିଦିଆଯାଏ, ତେବେ କୁଣ୍ଡଟି ପୂର୍ଣ୍ଣହେବାକୁ କେତେ ସମୟ ଲାଗିବ ?
(A) 32 minutes (B) 33.6 minutes (C) 33.8 minutes (D) 34 minutes

Teachingninja.in

Teachingninja.in

# SPACE FOR ROUGH WORK

Teachingninja.in

Teachingninja.in

# SPACE FOR ROUGH WORK

Teachingninja.in

Teachingninja.in

# SPACE FOR ROUGH WORK

Teachingninja.in

Teachingninja.in